ODM EDUCATIONAL GROUP
Changing your Tomorrow

- CLASS: V
- SUBJECT : ଓଡ଼ିଆ
- CHAPTER NAME : ଯେ ଥାଏ ପର ଉପକାରେ
- 
- SUBTOPIC : ବିଷୟ ପଠନ ଓ ଲେଖକ ପରିଚୟ
- 

# ଯେ ଥାଏ ପର ଉପକାରେ

ODM EDUCATIONAL GROUP
Changing your Tomorrow

ଡଃ ରମେଶ ପତ୍ରୀ

ଲେଖକ ପରିଚୟ୍- ୧୯୫୦ ମସିହା ଅପ୍ରେଲ ମାସ ୨୧ ତାରିଖ ଦିନ ଜନ୍ମଗ୍ରହଣ କରିଥିଲେ । ଝୁଲୁ ହାତୀ, ଗାଉଁଲି ଗପ, ଦଣ୍ଡା ଘାଟିର ବାଘୁଣୀ, ବନରାଇଜର କଥା ଓ ବଡ ବଡ ଗଲେ ଯେଉଁ ବାଟରେ ଇତ୍ୟାଦି ପ୍ରଧାନ ।

Edit with WPS Office

ODM
EDUCATIONAL GROUP
Changing your Tomorrow

RE.D46

Edit with WPS Office



Edit with WPS Office

ODM EDUCATIONAL GROUP
Changing your Tomorrow

ଗଧ ପିଠିରେ ଓହଳିଥିବା ତୁମ୍ବୀରୁ ଡବାରେ ପାଣି କାଢ଼ି ପିଉଥିଲେ । ସେମାନଙ୍କ ଜୀବନ ବଞ୍ଚିଯାଉଥିଲା । ସନ୍ଧ୍ୟା ହେଲେ ମୋତି ଓ ଲାଲା ପୁଣି ଫେରିଆସୁଥିଲେ କୁଡ଼ିଆ ପାଖକୁ । ମେକରଣ ଲାଲା ପିଠିରୁ ତୁମ୍ବୀ ଦୁଇଟି ଓହ୍ଲାଇ ଦେଉଥିଲେ । ଦିନବେଳା ମେକରଣ  କେତେକ ସ୍ଥାନରୁ ଭିକ୍ଷା ସଂଗ୍ରହ କରି ନେଇ ଆସୁଥିଲେ । ତହିଁରୁ ସେ ଦୁଇଭାଗ ମୋତି ଓ ଲାଲାକୁ ଦେଉଥିଲେ ଆଉ ଗୋଟିଏ ଭାଗ ନିଜେ ଖାଉଥିଲେ । ବେଳେବେଳେ କୌଣସି ଭୋକିଲା ଯାତ୍ରୀ ଯଦି ତାଙ୍କ ନିକଟରେ ପହଞ୍ଚୁଥିଲା, ତାକୁ ବି ସେ ନିଜ ଭାଗର ଖାଦ୍ୟ ଦେଇଦେଉଥିଲେ । କ୍ଷୁଧାର୍ତ୍ତଙ୍କୁ ଖାଦ୍ୟ ଦେଇପାରୁଥିବାରୁ ପରମ ତୃପ୍ତି ଲାଭ କରୁଥିଲେ ।



ଦିନେ କଚ୍ଛ ରାଜ୍ୟର ରାଜା ସେହି ଅଞ୍ଚଳକୁ ଶିକାର କରିବାକୁ ଆସିଲେ । ତାଙ୍କ ସହିତ ଥିଲେ କେତେକ ରାଜ-କର୍ମଚାରୀ । ଦିନେ ରାଜା ସାରାଦିନ ବୁଲିବୁଲି କୌଣସି ଜନ୍ତୁକୁ ପାଇଲେ ନାହିଁ । ସନ୍ଧ୍ୟା ହେବାକୁ କିଛି ସମୟ ବାକି ଥାଏ । ସେହି ମରୁଭୂମିରେ ସେ ମେକରଣଙ୍କ ଗଧ ଓ କୁକୁରକୁ ଦେଖିଲେ । ତାଙ୍କର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । କର୍ମଚାରୀମାନଙ୍କୁ ପଚାରିଲେ "ଏହି ମରୁଭୂମିରେ ଗଧ ଆଉ କୁକୁର କେଉଁଠୁ ଆସିଲେ ? ଏଠାରେ ତ ଚିତାବାଘର ଭୟ ରହିଛି । ତା' ହାବୁଡ଼ରୁ ଏମାନେ ବଞ୍ଚିଛନ୍ତି କିପରି ?"

ଜଣେ ରାଜକର୍ମଚାରୀ ଉତ୍ତର ଦେଲେ, "ମହାରାଜା ଏମାନେ ହେଉଛନ୍ତି ସନ୍ନ୍ୟାସୀ ମେକରଣଙ୍କ ପୋଷାଜନ୍ତୁ । ଏ ଅଞ୍ଚଳର ସମସ୍ତ ପ୍ରାଣୀଙ୍କ ପାଖରେ ଏମାନେ ପରିଚିତ । ମରୁଭୂମିରେ ପାଣି ନ ପାଇ ଛଟପଟ

Edit with WPS Office

ODM EDUCATIONAL GROUP
Changing your Tomorrow



Edit with WPS Office

ପରିଚୟ ଦେଲେ । ମେକରଣ ରାଜାଙ୍କୁ କହିଲେ, "ହେ କଚ୍ଛର ରାଜା, ମୁଁ ଆପଣଙ୍କୁ ସ୍ୱାଗତ ଜଣାଉଛି । ମୋ କୁଡ଼ିଆ ଭିତରକୁ ଆସନ୍ତୁ ।"

ସେତେବେଳେ ଶୀତ ବଢ଼ିବାକୁ ଲାଗିଥାଏ । ମେକରଣଙ୍କ ଦେହ ଶୀତରେ ଥରଥର ହେଉଥାଏ । ରାଜା ପଚାରିଲେ "ମହାଶୟ, ଏହି ମରୁଅଞ୍ଚଳରେ ଆପଣଙ୍କୁ କ'ଣ ଶୀତ ହେଉ ନାହିଁ" ? ମେକରଣ କହିଲେ, "ଶୀତ ହେଉଛି କିନ୍ତୁ ଶୀତକୁ ମୁଁ ଡରୁ ନାହିଁ । ଜୀବନର ଶେଷ ପର୍ଯ୍ୟନ୍ତ ପ୍ରାଣୀମାନଙ୍କ ସେବାରେ ଜୀବନ ବିତାଇବା ହିଁ ମୋର ଇଚ୍ଛା ।"

ରାଜା ନିଜ କାନ୍ଧରେ ପଡ଼ିଥିବା ମଣିମୁକ୍ତା ଖଚିତ ଚଦରଟିକୁ ସନ୍ନ୍ୟାସୀଙ୍କ ଦେହରେ ଓଢ଼ାଇ ଦେଲେ । ମେକରଣ ଏଥିରେ କିନ୍ତୁ ଖୁସି ହେଲେ ନାହିଁ। ବିନୟର ସହିତ ଚଦରଟି ରାଜାଙ୍କୁ ଫେରାଇଦେଇ କହିଲେ, "ମହାରାଜ, ଏ ସ୍ଥାନର ଶୀତ ସହିବାରେ ମୋ ଦେହ ଅଭ୍ୟସ୍ତ ହୋଇଯାଇଛି । ମୋ ପାଇଁ ଏହାର ଆବଶ୍ୟକତା ନାହିଁ ଅନ୍ୟ କେହି ଦୁଃଖୀ ଲୋକଙ୍କୁ ଆପଣ ଏହାକୁ ଦାନ କଲେ ମୁଁ ଅଧିକ ଖୁସି ହେବି ।"

ମେକରଣଙ୍କର ଏପରି କଥା ଶୁଣି ରାଜା ସ୍ତମ୍ଭୀଭୂତ ହେଲେ । ଆଗ୍ରହ କରି କହିଲେ,"ହେ ସନ୍ନ୍ୟାସୀ ! ଆପଣ ମୋତେ ଅନ୍ୟ କୌଣସି ଜିନିଷ ମାଗନ୍ତୁ, ମୁଁ ତାହା ଆପଣଙ୍କୁ ଦାନ କରିବି ।" ସନ୍ନ୍ୟାସୀ କହିଲେ "ହଁ, ମୁଁ କେବଳ ଗୋଟିଏ ଜିନିଷ ଆପଣଙ୍କୁ ମାଗିବି । ତାହା ହେଲା, ଆଜିଠାରୁ ଏହି କଚ୍ଛ ଭୂମିରେ ଆପଣ ଆଉ କେବେ ଶିକାର କରିବେ ନାହିଁ । ଫଳରେ ଏ ସ୍ଥାନର ପ୍ରାଣୀମାନେ ସ୍ୱଚ୍ଛନ୍ଦରେ ବିଚରଣ କରିପାରିବେ । ବଣଜଙ୍ଗଲ ମଧ୍ୟ ସୁରକ୍ଷିତ ରହିବ ।"

ମେକରଣଙ୍କ କଥା ଶୁଣି ରାଜା କହିଲେ, "ହେ ସନ୍ନ୍ୟାସୀ ! ମୁଁ ଆପଣଙ୍କୁ କଥା ଦେଉଛି, ଆଜିଠାରୁ ଏହି ଅଞ୍ଚଳରେ ଆଉ କେହି କୌଣସି ପ୍ରାଣୀଙ୍କୁ ଶିକାର କରିବେ ନାହିଁ ।"

ତା'ପରେ ରାଜା ନିଜ ଉଆସକୁ ଫେରିଆସିଲେ । ସେହି ଦିନଠାରୁ ଆଜିଯାଏଁ ଏହି ଅଞ୍ଚଳରେ ପ୍ରାଣୀମାନେ ନିର୍ଭୟରେ ବିଚରଣ କରୁଛନ୍ତି । ଏଠାରେ ଶିକାର କରିବା ମନା ହୋଇଛି ।



ODM EDUCATIONAL GROUP
Changing your Tomorrow
Edit with WPS Office

# ଗୃହକାର୍ଯ୍ୟ

ODM EDUCATIONAL GROUP
Changing your Tomorrow

## ଖାତାରେ ଏକ ତୁମ୍ବୀ ର ଛବି ଅଙ୍କନ କର ଓ ରଙ୍ଗ ଦିଅ



Edit with WPS Office

# THANKING YOU

# ODM EDUCATIONAL GROUP

Edit with WPS Office